ଏପିସୋଡ ୪୩

# ଅଦୃଶ୍ୟ ହିମପ୍ରବାହ

ମୂଳ ଲେଖା: ଅରବିନ୍ଦ ଦୁବେ

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ଦୃଶ୍ୟ ୧

ଡାକ୍ତରଖାନା ଦୃଶ୍ୟ, ସାନ ଡାକ୍ତର ଦୀପା ନିଜ କକ୍ଷରେ ଅଛନ୍ତି। ମୁଖ୍ୟ ପ୍ରଫେସର କ୍ଷେମ୍ ପ୍ରବେଶ କରୁଛନ୍ତି)

କ୍ଷେମ୍: ନମସ୍କାର ଡ. ଦୀପା। ବହୁତ ହାଲିଆ ଦେଖାଯାଉଛ। ରାତି କେମିତି କଟିଲା?

ଦୀପା: ହରିବ୍ଲ୍। କାଲି ରାତିରେ ହଠାତ ଗୋଟିଏ ଜାଗାରେ ୪୦ ଜଣ ରୋଗୀ ଆସି ଭର୍ତ୍ତି ହେଲେ। ପ୍ରାୟ ଏକା ଭଳି ବେମାରୀ। ଦେହସାରା ଦାଗ, ପତଳା ଝାଡ଼ା ଆଉ ସେଥିରେ ରକ୍ତ ପଡୁଛି।

କ୍ଷେମ୍: କ'ଣ କହିଲ? ୪୦ ଜଣ ରୋଗୀ?

ଦୀପା: ହଁ ସାର୍। ଆଉସମସ୍ତେ ପୁଣି ଗୋଟିଏ ଜାଗାରୁ। ପାଖରେ ଥିବା ଗାଁରୁ। ଯାଯାବର ପଶୁଚରାଳି। ଗୋଟିଏ ଦଳର ସବୁ ଲୋକ...

କ୍ଷେମ: ବେମାର ପଡ଼ିବା ଆଗରୁ କ'ଣ ଖାଇଥିଲେ, ଏକଥା ପଚାରିଥିଲ

ଦୀପା?

ଦୀପା: ହଁ ସାଧାରଣ ଖାଦ୍ୟ ଆଉ ବଲ୍‌ଗା ହରିଣ ମାଂସ।

କ୍ଷେମ୍: ତା ମାନେ ନିଶ୍ଚୟ ସମସ୍ତଙ୍କର ବଦହଜମୀ ହୋଇଯାଇଛି। କୋଉଠୁ ସଂକ୍ରମିତ ମାଂସ ଏକା ସାଙ୍ଗରେ ଖାଇଥିବେ।

ଦୀପା: ସାର୍, ପ୍ରଥମେ ମୁଁ ବି ଏଇଆ ଭାବିଥିଲି। କିନ୍ତୁ....

କ୍ଷେମ: (ଚମକିପଡ଼ି) କିନ୍ତୁ କ'ଣ?

ଦୀପା: କିନ୍ତୁ ସେମାନଙ୍କ ଭିତରୁ କେତେଜଣଙ୍କ ଅବସ୍ଥା ବହୁତ ଖରାପ। ସେମାନେ ସତରେ ଗୁରୁତର... ଡେନିସ୍ ନାଁରେ ଗୋଟିଏ ପିଲା ଅଛି, ନଅ ବର୍ଷର, ତା'ର ତ ନିଶ୍ୱାସ ବି ଠିକରେ ଚାଲୁନାହିଁ। କିଛି ଏମିତି...

କ୍ଷେମ: ଆଚ୍ଛା!!

ଦୀପା: ହଁ, ଆଉ ଏ ପିଲାର ଜେଜେମା ଦିନକ ଆଗରୁ ଡାକ୍ତରଖାନା ଆସିବା ଆଗରୁ ମୃତ୍ୟୁ ହୋଇଯାଇଛି।

କ୍ଷେମ: ତାମାନେ କିଛି ଅସୁବିଧା ଅଛି। ବଦହଜମୀରେ ତ ଏମିତି ହେବା କଥା ନୁହେଁ। ଚାଲ ଦେଖିବା। ଆଗ ରୋଗୀକୁ ଦେଖିବା ତା ପରେ ନିଷ୍ପତ୍ତି ନେବା।

(ପାଦ ଶବ୍ଦ)

ଦୀପା: ସାର୍, ଏ ହେଉଛି ଡେନିସ୍, ତାକୁ ନଅ ବର୍ଷ। ଏହାର ଜେଜେମାଙ୍କର କାଲି ଏହି ରୋଗରେ ମୃତ୍ୟୁ ହୋଇଛି।

କ୍ଷେମ: ଏପଟକୁ ବୁଲିଗଲରେ ପିଲା, ହଁ ହଁ ଠିକ ଏମିତି।

(ନିଶ୍ୱାସ ନେବା ଶବ୍ଦ)

କ୍ଷେମ: ହେ ଭଗବାନ, ଏ ତ ବହୁତ ବିମାର! ଦେଖ ନିଶ୍ୱାସର କି ଅବସ୍ଥା। ଏହାକୁ ଆଇସିୟୁ କୁ ପଠାଅ। ଏହାକୁ ଭେଣ୍ଟିଲେଟରରେ ରଖିବାକୁ ହେବ।... ଜଲ୍‌ଦି କର।

କ୍ଷେମ: ଦୀପା।

ଦୀପା: ହଁ ସାର୍।

କ୍ଷେମ୍: ତମେ କ'ଣ ଭାବୁଛ... ଏ ସବୁ କ'ଣ.. କୋଉ ରୋଗରେ ଏମାନେ ପୀଡ଼ିତ?

ଦୀପା: ସାର୍, ମୋର ତ ମୁଣ୍ଡ କାମ କରୁନାହିଁ। କିନ୍ତୁ ଏହା ତ ନିଶ୍ଚିତ ଯେ ବଦହଜମି ନୁହେଁ।

କ୍ଷେମ: ଠିକ ଚିନ୍ତା କରିଛ ତମେ। ଆଉ ସେ ପିଲାକୁ ନିଶ୍ୱାସ ନେବାର କଷ୍ଟ ହେବା... ଚମ ଉପରେ ଏ ଦାଗ... ଏ ରୋଗୀମାନଙ୍କ ସୂଚନାରେ ତମେ କିଛି ଛାଡ଼ିଦେଉନାହଁ ତ?

ଦୀପା: (ଚିନ୍ତା କରି) ହଁ ସେମାନଙ୍କ ଭିତରୁ ଜଣେ କହୁଥିଲେ ଯେ ଆଜିକାଲି ବଲ୍‌ଗା ହରିଣଙ୍କ ଭିତରେ କିଛି ରୋଗ ବ୍ୟାପୁଛି, ସେଥିପାଇଁ ସେମାନେ ଆପେ ଆପେ ବହୁ ସଂଖ୍ୟାରେ ମରିଯାଉଛନ୍ତି।

କ୍ଷେମ: ଯଦି ସବୁ ଜିନିଷକୁ ଦେଖିବା ତାହେଲେ ଏହା ଆନ୍ଥ୍ରାକ୍ସ ରୋଗର ନିଦାନ ଭଳି ଲାଗୁଛି।

ଦୀପା: ସାର୍ ଆପଣ ତ ଜାଣିଛନ୍ତି ଯେ ୧୯୪୧ ମସିହାରେ ଆନ୍ଥ୍ରାକ୍ସ ରୋଗ ଆଉ ନାହିଁ ବୋଲି ଘୋଷଣା କରାଯାଇଥିଲା। ଏପରିକି, ଏବେ ତ ଆନ୍ଥ୍ରାକ୍ସର ଟୀକା ବି ସହଜରେ ମିଳୁନାହିଁ।

କ୍ଷେମ: ଦୀପା, ତମେ ଗୋଟିଏ କାମ କର, ଏହାର କଲ୍‌ଚର୍ ପାଇଁ ପଠାଅ। ପ୍ରାଥମିକ ନିରୂପଣରେ ଆନ୍ଥ୍ରାକ୍ସ ଲେଖିବ। ମୁଁ ପାଥୋଲଜି ବିଶେଷଜ୍ଞ ସହ କଥା ହେଉଛି। ଦେଖିବା କ'ଣ ମିଳୁଛି?

ଦୃଶ୍ୟ ପରିବର୍ତ୍ତନ

(ଏସବୁ ରୋଗୀଙ୍କର ପ୍ରାଥମିକ ରିପୋର୍ଟ ଆସିଲା ପରେ ଲୋକଙ୍କର ହୋଶ ଉଡ଼ିଗଲା।

ଦୀପା: (ଭିତରକୁ ଆସୁ ଆସୁ) ସାର୍, ଆପଣ ଏ କଲ୍‌ଚରର ରିପୋର୍ଟ ଦେଖିଛନ୍ତି?

କ୍ଷେମ: ହଁ ମୁଁ ଜାଣିଛି। ଏହା ଆନ୍ଥ୍ରାକ୍ସ, ଏଇଆ ନା?

ଦୀପା: ହଁ ସାର୍। କିନ୍ତୁ ଏତେ ବର୍ଷ ପରେ ହଠାତ ଆନ୍ଥ୍ରାକ୍ସ ପୁଣି ଥରେ କେମିତି ଫେରି ଆସିଲା?

କ୍ଷେମ: ଏହା ହିଁ ତ ଚିନ୍ତାର ବିଷୟ ଦୀପା।

ଦୀପା: ତା ମାନେ ଦୁନିଆରୁ ଚାଲିଯାଇଥିବା ଗୋଟିଏ ବିପଦଜନକ ରୋଗ ପୁଣି ଥରେ ଫେରି ଆସୁଛି।

କ୍ଷେମ: ଦୀପା, କଥା ଏଇ କେତେଜଣ ରୋଗୀଙ୍କ ସହ ସରିଯିବନାହିଁ। ଏମାନଙ୍କ ସମ୍ପର୍କରେ ଆସିଥିବା ସବୁ ଲୋକଙ୍କୁ ପରୀକ୍ଷା କରିବାକୁ

ହେବ। ଏମାନଙ୍କୁ ବଞ୍ଚେଇବା ପାଇଁ ଟୀକାର ବ୍ୟବସ୍ଥା କରିବାକୁ ହେବ।

ଦୀପା: ଏ ତ ବହୁତ ବଡ଼ ଆଉ କଷ୍ଟ କାମ ସାର୍। ଆନ୍ଥ୍ରାକ୍ସ ରୋଗର ଟୀକା ଏତେ ସଂଖ୍ୟାରେ ହଠାତ କୁଆଡ୍ରୁ ଆସିବ ସାର୍?

କ୍ଷେମ: ଦୀପା, ଯେଉଁ ବଲ୍‌ଗା ହରିଣ ମରୁଛନ୍ତି ସେମାନଙ୍କୁ ମଧ୍ୟ ପରୀକ୍ଷା କରିବାକୁ ହେବ। ଯଦି ସେମାନଙ୍କ ଦେହରେ ଆନ୍ଥ୍ରାକ୍ସ ମିଳିବ, ତାହେଲେ ମୃତଶରୀରକୁ କେମିତି ନଷ୍ଟ କରାଯିବ ତା ମଧ୍ୟ ଚିନ୍ତାର ବିଷୟ।

ଦୀପା: ଆନ୍ଥ୍ରାକ୍ସ ମହାମାରୀ ବ୍ୟାପିବା ଆଗରୁ ଆମକୁ ଏହାର ଉତ୍ସ ଖୋଜିବାକୁ ହେବ।

କ୍ଷେମ: ଦୀପା, ଗୋଟିଏ ଚିଠି ଲେଖ, ସରକାର ଆଉ ପ୍ରଶାସନକୁ ଆମକୁ ଏ ବିଷୟରେ ଜଣାଇବା ଦରକାର। ଯେତେ ଶୀଘ୍ର ସମ୍ଭବ।

(ଘୋଷକ: ଖବର ବ୍ୟାପିବା ମାତ୍ରେ ବ୍ୟସ୍ତତା ଆଉ ଭୟ ଆତଙ୍କ ସବୁଆଡେ ବ୍ୟାପିଗଲା। ଗୁଜବ ପ୍ରଚାର ହେବାରେ ଲାଗିଲା। ପ୍ରଶାସନର ମୁଣ୍ଡ ଖରାପ ହୋଇଗଲା। ତା ଆଗ ଦିନ ୪୨ ଜଣ ଏଇସବୁ ଲକ୍ଷଣ ସହିତ ଡାକ୍ତରଖାନାକୁ ଆସିଲେ। ଗୁରୁତର ଅବସ୍ଥାରେ ଡେନିସର ମୃତ୍ୟୁ ହୋଇଗଲା। ଅବସ୍ଥା ଏତେ ଗମ୍ଭୀର ହୋଇଗଲା ଯେ ପେନିନ୍‌ସୁଲା ରାଜ୍ୟର ରାଜ୍ୟପାଳ ଏହାକୁ ଜରୁରୀକାଳୀନ ଘୋଷଣା କଲେ।

ରାଜ୍ୟପାଳ: ଡାକ୍ତରଖାନାରୁ ମିଳିଥିବା ମୃତ୍ୟୁ ଖବର ମୁଁ ଜାଣିଛି। ମତେ ସୂଚନା ମିଳିଛି ଯେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଗୋଟିଏ ଛୋଟ ପିଲାର ଆନ୍ଥ୍ରାକ୍ସ ରୋଗରେ ଦୁଃଖଦାୟକ ମୃତ୍ୟୁ ହୋଇଛି। ଏହା ମତେ

ବହୁତ ଦୁଃଖ ଦେଇଛି। ମୃତକଙ୍କ ପରିବାର ପ୍ରତି ମୋର ସମବେଦନା ରହିଛି। ମୁଁ ସେମାନଙ୍କୁ ଭରସା ଦେଉଛି କି ପିଲାଟିକୁ ବଞ୍ଚାଇବା ପାଇଁ ଡାକ୍ତରମାନେ ସବୁ ପ୍ରକାର ପ୍ରଚେଷ୍ଟା କରିଛନ୍ତି, କିନ୍ତୁ ସଫଳ ହୋଇପାରିଲେ ନାହିଁ। ରୋଗ ୭୫ ବର୍ଷ ପରେ ପୁଣି ଫେରିଆସିଛି। ଏହାର କାରଣ ଜାଣିବା ପାଇଁ ଆମେ ସବୁ ପ୍ରକାର ଚେଷ୍ଟା କରିବୁ। ସଂକ୍ରାମକ ରୋଗର ରାଷ୍ଟ୍ରୀୟ ଅଧିକାରୀ ଶ୍ରୀମତୀ ରୀନା ଦେବୀ ଘଟଣାସ୍ଥଳକୁ ଯିବା ପାଇଁ ବାହାରିଗଲେଣି। ପରିସ୍ଥିତିର ସାମନା କରିବା ପାଇଁ ସେନାର ଜରୁରୀକାଳିନ ଦଳ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଅଧିକାରୀ ବି ଘଟଣାସ୍ଥଳ ନିମନ୍ତେ ବାହାରି ଗଲେଣି। ଆପଣମାନଙ୍କୁ ନିବେଦନ ଯେ ଶାନ୍ତି ଶୃଙ୍ଖଳା ରକ୍ଷା କରନ୍ତୁ ଏବଂ ଗୁଜବ ପ୍ରତି ଧ୍ୟାନ ଦିଅନ୍ତୁନାହିଁ।

ପୁରୁଷ ଘୋଷକ: ଯେତେବେଳେ ଆନ୍ଥ୍ରାକ୍ସ ପୁଣି ଥରେ ଫେରିବାର କାରଣ ଜଣାପଡ଼ିଲା ସମସ୍ତେ ଚମକି ପଡ଼ିଲେ। ପ୍ରାୟ ୭୫ ବର୍ଷ ଆଗେ ବଲ୍‌ଗା ହରିଣଙ୍କ ଭିତରେ ଆନ୍ଥ୍ରାକ୍ସ ରୋଗ ବ୍ୟାପିଥିଲା। ସେତେବେଳେ ଆନ୍ଥ୍ରାକ୍ସ ରୋଗରେ ମରିଥିବା ଗୋଟିଏ ବଲ୍‌ଗା ହରିଣର ଶବ ବରଫ ଭିତରେ ପୋତି ହୋଇ ରହିଯାଇଥିଲା। ଗତ ୭୫ ବର୍ଷ ଧରି ସେ ସେଠାରେ ପୋତିହୋଇ ଥିଲା। ଏବର୍ଷ ଯେତେବେଳେ ପ୍ରଚଣ୍ଡ ଗରମ ଯୋଗୁ ବରଫ ତରଳିବାକୁ ଆରମ୍ଭ କଲା। ବଲ୍‌ଗା ହରିଣର ମୃତଶରୀର ବାହାରକୁ ବାହାରି ଆସିଲା। ବଲ୍‌ଗା ହରିଣ ଦେହରେ ସୁପ୍ତ ଅବସ୍ଥାରେ ଥିବା ଆନ୍ଥ୍ରାକ୍ସ ୭୫ ବର୍ଷ ପରେ ପୁଣି ସକ୍ରିୟ ହୋଇଗଲେ। ପବନ ସହିତ ଏହା ଆଖପାଖରେ ଖେଳାଇ ହୋଇଗଲା ଏବଂ ଦେଖୁ ଦେଖୁ ସାରା

ଅଞ୍ଚଳ ତା କବଳରେ ପଡ଼ିଗଲା।

ମହିଳା ଘୋଷକ: ଦଶ ଦିନ ଭିତରେ ପ୍ରାୟ ୨୩୪୯ଟି ବଲ୍‌ଗା ହରିଣର ମୃତ୍ୟୁ ହୋଇଗଲା। ସରକାର ତୁରନ୍ତ ୪୫୦୦ ହରିଣଙ୍କୁ ଆନ୍ଥ୍ରାକ୍ସର ଟୀକା ଦେଲେଣି। ଯୋଜନା ରହିଛି ଯେ ୪୧୦୦୦ ବଲ୍‌ଗା ହରିଣଙ୍କୁ ଟୀକା ଦିଆଯିବ। ମୃତ ହରିଣଙ୍କ ଶରୀରକୁ ସୁରକ୍ଷିତ ଭାବରେ ଦାହ କରିବାର ବ୍ୟବସ୍ଥା କରାଗଲା। ଏଥିରେ ସ୍ଥାନୀୟ ପ୍ରଶାସନ ସେନା ସାହାଯ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ କାମ କଲା।

ପୁରୁଷ: ଏହା ଥିଲା ବିଶ୍ୱ ଉଷ୍ମାୟନର ଏକ ଭୟଙ୍କର ଚିତ୍ର। ଗୋଟିଏ ଛୋଟ ଅଞ୍ଚଳରେ ପୁଣି ଥରେ ଦେଖାଦେଇଥିଲା ଆନ୍ଥ୍ରାକ୍ସ ସାମନା କରିବା ପାଇଁ ଦେଶର ପ୍ରଶାସନକୁ ସମସ୍ତ ବଳ ଲଗାଇ ଚେଷ୍ଟା କରିବାକୁ ହେଲା। ଯଦି ଏହି ଅବସ୍ଥା ବିଶ୍ୱ ସ୍ତରରେ ବ୍ୟାପିଯିବ ତେବେ କ'ଣ ହେବ? ଏତେ ପରିମାଣରେ ରୋଗରୋଧୀ ଟୀକା କୁଆଡୁ ଆସିବ? କେଉଁଠୁ ଆସିବ ମାନବ ସମ୍ବଳ? ଏହି ଅତିରିକ୍ତ ଅର୍ଥ କେଉଠୁ ଆସିବ?

ମହିଳା: ବିକାଶଶୀଳ ଦେଶ, ଯାହାର ବିଶ୍ୱ ଉଷ୍ମୟାନରେ ସବୁଠାରୁ କମ୍ ଯୋଗଦାନ, ଏହାର ସବୁଠାରୁ ବଡ଼ ଶିକାର ହେବେ। ସେମାନେ ତ ଏବେ ଯାଏଁ ସେମାନଙ୍କର ମୌଳକ ସ୍ୱାସ୍ଥ୍ୟ ବ୍ୟବସ୍ଥା ବି କରିପାରି ନାହାନ୍ତି, ସେମାନେ ଏଭଳି ପରିସ୍ଥିତିରେ କ'ଣ କରିବେ? ଆସନ୍ତୁ ଜାଣିବା ଏ ବିଷୟରେ।

ଦୃଶ୍ୟ ପରିବର୍ତ୍ତନ

ସ୍ଥାନ: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍ଥାନୀୟ କାର୍ଯ୍ୟାଳୟ (ବିବେକ ଆଉ ମେଘା ସେଠିକୁ ଡ. ଅନ୍ୱେଶଙ୍କ ସହ ଦେଖା କରିବାକୁ ଆସିଛନ୍ତି)

ମେଘା: ବିବେକ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍ଥାନୀୟ କାର୍ଯ୍ୟାଳୟ ଯାଏଁ ଆମେ ଆସିଗଲେ। ଏବେ ଡ. ଅନ୍ୱେଶଙ୍କୁ ଖୋଜିବାକୁ ହେବ।

ବିବେକ: ହଁ, ଏଇ ତ ତାଙ୍କ ନାଁ ଲେଖା ହୋଇଛି।

ଅନ୍ୱେଶ:କିଏ, ଭିତରକୁ ଆସ।

ମେଘା: ନମସ୍କାର ମଉସା। ମୁଁ ମେଘା।

ବିବେକ: ଆଉ ମୁଁ ବିବେକ। ବିବେକ ମଉସା ଆପଣଙ୍କୁ ଦେଖା କରିବାକୁ କହିଥିଲେ।

ଅନ୍ୱେଶ:ଓହୋ ଆସ ଆସ। ହଁ ବିକାଶ ସେଦିନ ଫୋନ କରିଥିଲା। ବୋଧହୁଏ କିଛି ପ୍ରକଳ୍ପ ବିଷୟରେ... କାହାର ପ୍ରକଳ୍ପ?

ମେଘା: ମୋର... ବିଶ୍ୱ ଉଷ୍ମାୟନ ଏବଂ ମାନବ ସ୍ୱାସ୍ଥ୍ୟ।

ଅନ୍ୱେଶ:ବହୁତ ବଢ଼ିଆ, କୁହ କେମିତି ସାହାଯ୍ୟ କରିବି? ମେଘା, ତମେ କ'ଣ ଜାଣିବାକୁ ଚାହୁଁଛ?

ମେଘା: ମଉସା, ଏକଥା ତ ନିଶ୍ଚିତ ଯେ ବିଶ୍ୱ ଉଷ୍ମାୟନ ଯୋଗୁ ବାୟୁମଣ୍ଡଳରେ ଯେଉଁ ପରିବର୍ତ୍ତନ ହେବ ତା'ର କୁପ୍ରଭାବ ମଣିଷର ସ୍ୱାସ୍ଥ୍ୟ ଉପରେ ନିଶ୍ଚୟ ପଡ଼ିବ।

ଅନ୍ୱେଶ:ନିଶ୍ଚୟ।

ମେଘା: ଏହି କୁପ୍ରଭାବରୁ ରକ୍ଷା ପାଇବା ପାଇଁ ଆମେ କ'ଣ କିଛି ପ୍ରସ୍ତୁତି କରିପାରିବା?

ବିବେକ: ଆମେ କ'ଣ ଆଗରୁ ଏଥିପାଇଁ କିଛି ପ୍ରସ୍ତୁତି କରିଛେ?

ଅନ୍ବେଶ:ମେଘା, ସବୁଠାରୁ କଷ୍ଟକର କଥା ହେଉଛି ସାଧାରଣ ଲୋକ ଏଇ ଉଷ୍ମାୟନକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି।

ବିବେକ: ମାନେ?

ଅନ୍ବେଶ:ମାନେ ହେଉଛି ସେମାନେ ଏହି ବିପଦକୁ ବୁଝୁଛନ୍ତି, କିନ୍ତୁ ଭାବୁଛନ୍ତି ବୋଧହୁଏ ଏହା ଦୁଇ ଚାରିଶହ ବର୍ଷ ପରେ ଆସିବ।

ମେଘା: କିନ୍ତୁ ମଉସା, ବାସ୍ତବତା ହେଉଛି ବିଶ୍ୱ ଉଷ୍ମାୟନର କୁପ୍ରଭାବ ତ ଜଣାଶୁଣା। ସମସ୍ତେ ଏହାକୁ ଅନୁଭବ କଲେଣି। ସଂକ୍ରାମକ ରୋଗ ବଢ଼ିବା, ପାଣିପାଗରେ ଅତିମାତ୍ରା ବର୍ଷା ବା ଖରା ହେବା, ପ୍ରାୟ ଦିନ ବାୟୁମଣ୍ଡଳର ପ୍ରଦୂଷଣ ଯୋଗୁ ଦୁର୍ଘଟଣା ଆଦି...

ଅନ୍ବେଶ:ଠିକ କହିଛ ମେଘା। କିନ୍ତୁ ସବୁଠାରୁ ଜରୁରୀ ହେଉଛି ଲୋକମାନେ ବୁଝିବା ଦରକାର ଯେ ବିଶ୍ୱ ଉଷ୍ମାୟନ ଭବିଷ୍ୟତର ନୁହେଁ, ଆଜିର ବିପଦ।

ମେଘା: ଏଥିପାଇଁ ଆମେ ସରକାରୀ ବେସରକାରୀ ପ୍ରଚାର ମାଧ୍ୟମର ସହାୟତା ନେଇପାରିବା।

ବିବେକ: ଆଉ ସାମାଜିକ ଗଣମାଧ୍ୟମ ବି...

ଅନ୍ବେଶ:ହଁ ସାମାଜିକ ଗଣମାଧ୍ୟମ ବହୁତ ଶକ୍ତିଶାଳୀ ମାଧ୍ୟମ ହୋଇପାରିବ।

ମେଘା: କିନ୍ତୁ ଏହାଛଡ଼ା ପ୍ରଶାସନ କ୍ଷେତ୍ରରେ ବି ଅନେକ ପ୍ରସ୍ତୁତି କରିବାକୁ ହେବ।

ଅନ୍ବେଶ:ବିଶ୍ୱ ଉଷ୍ମାୟନ ଯୋଗୁ ବାୟୁମଣ୍ଡଳରେ ପରିବର୍ତ୍ତନର ଅନେକ ଘଟଣା ମଣିଷର ସ୍ୱାସ୍ଥ୍ୟକୁ ସିଧାସଳଖ ପ୍ରଭାବିତ କରିବ।

ବିବେକ: କେମିତି?

ଅନ୍ବେଶ:ପ୍ରଥମରେ ତ ଗରମ। ଗରମ ପବନ ଏବଂ ତା ସହ ଯୋଡ଼ା ପାଣିପାଗର ଅତିରିକ୍ତ ଅବସ୍ଥା।

ମେଘା: ତା ମାନେ ଝଡ଼, ତୋଫାନ, ବାତ୍ୟା, ବନ୍ୟା, ମରୁଡ଼ି, ଜଙ୍ଗଲରେ ନିଆଁ...

ଅନ୍ବେଶ:ଏହାଛଡ଼ା ସଂକ୍ରାମକ ରୋଗର ଲକ୍ଷଣ ଏବଂ ପ୍ରସାର, ରୋଗବାହକଙ୍କର ସଂଖ୍ୟା ବୃଦ୍ଧି ଏବଂ ରୋଗସୃଷ୍ଟି କାରୀ ଜୀବ ଏସବୁର ବି ଭୂମିକା ରହିଛି।

ମେଘା: ଯେମିତିକି ଏ ସଂକ୍ରାମକ ରୋଗ ଯେଉଁ ଅଞ୍ଚଳରେ ଆଗରୁ ଦେଖାଯାଉ ନ ଥିଲେ ଏବେ ସେଠି ମଧ୍ୟ ଦେଖା ଗଲାଣି।

ଅନ୍ବେଶ:ଏହାର କାରଣ ଖାଦ୍ୟପଦାର୍ଥ ଉତ୍ପାଦନ କମିବ କିମ୍ବା ବିଶୁଦ୍ଧ ପିଇବା ପାଣି ନ ମିଳିବାର ସମ୍ଭାବନା। ଏସବୁ ମଣିଷର ସ୍ୱାସ୍ଥ୍ୟକୁ ଅନେକ ଭାବରେ ପ୍ରଭାବିତ କରିବ।

ମେଘା: ଏହାଛଡ଼ା, ବନ୍ୟା ଯୋଗୁ ନୂଆ ଜଳାଭୂମି ସୃଷ୍ଟି ହେବ। ଏ ଅଞ୍ଚଳର ଲୋକଙ୍କୁ ଅନ୍ୟ ଜାଗାରେ ଥଇଥାନ କରାଯିବ। ସେଠି କିନ୍ତୁ ଆଗରୁ ଘନ

ଜନବସତି ଥିବ। ସେତେବେଳେ କ'ଣ କରାଯିବ?

ଅନ୍ବେଶ:ଏବେ ଏସବୁ କ୍ଷେତ୍ରରେ ଆମକୁ ପ୍ରସ୍ତୁତି କରିବାକୁ ହେବ। ପ୍ରଥମେ ତ ଏଇ ସମ୍ଭାବ୍ୟ ଜାଗାମାନଙ୍କରେ ସର୍ବେକ୍ଷଣ ଜରୁରୀ। ତାହେଲେ ବ୍ୟବସ୍ଥା କେଉଁଠାରେ ଦୁର୍ବଳ ତାହା ଜଣାପଡ଼ିବ। କି ପ୍ରକାର ଆଉ କେତେ ସୁଧାର ଆବଶ୍ୟକ?

ମେଘା: ଆଉ ଏ ସର୍ବେକ୍ଷଣ ଅନବରତ ଚାଲିବା ଦରକାର।

ଅନ୍ବେଶ:ଜଳବାୟୁ ପରିବର୍ତ୍ତନ ଯାହା ମଣିଷ ପାଇଁ କ୍ଷତିକାରକ ଯେମିତିକି ପ୍ରବଳ ଗରମ ଏବଂ ଗ୍ରୀଷ୍ମପ୍ରବାହ, ଶୀତପ୍ରବାହ, ତୋଫାନ, ଏସବୁର ସଠିକ ଏବଂ ସମୟର ଯଥେଷ୍ଟ ଆଗରୁ ଜନସାଧାରଣଙ୍କୁ ସୂଚନା ମିଳିବା ଦରକାର। ତାହେଲେ ସମୟ ଥାଉ ଥାଉ ଏଥିରୁ ରକ୍ଷା ପାଇବାର ଉପାୟ କରାଯାଇ ପାରିବ ଏବଂ ଧନଜନର କ୍ଷୟକ୍ଷତି ଯେତେଦୂର ସମ୍ଭବ କମ୍ କରାଯାଇପାରିବ।

ମେଘା: ଆଉ ଯେଉଁଠି ସମ୍ବଳ ଆଉ ସୁଧାରର ସବୁଠାରୁ ଅଧିକ ପ୍ରୟୋଜନ, ସେସବୁ ଅଞ୍ଚଳ ଚିହ୍ନଟ କରି ସହାୟତା ପହଞ୍ଚାଇବା ପାଇଁ ପ୍ରସ୍ତୁତ ହୋଇ ରହିବା ଦରକାର।

ଅନ୍ବେଶ:ସବୁଠାରୁ ଅଧିକ ଆବଶ୍ୟକ ହେଉଛି ସ୍ୱାସ୍ଥ୍ୟ ଆଉ ଶିକ୍ଷା, ଯେମିତିକି ସାଧାରଣ ଲୋକ ବିଶ୍ୱ ଉଷ୍ମାୟନରେ ହେବାକୁ ଥିବା ବିପଦ ବିଷୟରେ ଜାଣିବେ ଏବଂ ବାସ୍ତବତାକୁ ଗ୍ରହଣ କରିବେ।

ମେଘା: ତାହେଲେ ଏଥିରୁ ରକ୍ଷା ପାଇବାର ଉପାୟ ଶିଖିବା ପାଇଁ ଆଗ୍ରହୀ

ହେବେ।

ବିବେକ: ବିକାଶ ମଉସା କହୁଥିଲେ ଯେ ମଶା ଯୋଗୁ ବ୍ୟାପୁଥିବା ରୋଗ ବଢ଼ିବ, ସେଥିପାଇଁ ମଶାଙ୍କୁ ନଷ୍ଟ କରିବା, ସେମାନଙ୍କୁ ବଢ଼ିବାରେ ଅଟକାଇବା, ମଶା ଯେମିତି ନ କାମୁଡ଼ିବ ତା ଉପାୟ ଶିଖିବାକୁ ହେବ।

ମେଘା: ସେମାନଙ୍କୁ ଶିଖାଇବାକୁ ହେବ ଯେ ସଂକ୍ରାମକ ରୋଗ ବ୍ୟାପିବା କିପରି ଅଟକାଇବେ। ସ୍ୱାସ୍ଥ୍ୟରକ୍ଷାର ନିୟମ ଶିଖାଇବାକୁ ହେବ। ସେସବୁକୁ କଡ଼ାକଡ଼ି ମାନିବାକୁ ହେବ।

ଅନ୍ବେଷ:ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବିଶ୍ୱ ଉଷ୍ଣାୟନର ଗତିକୁ କେମିତି ଧୀର କରାଯାଇପାରିବ।

ମେଘା: ନୂଆ ଔଷଧ, ଆଣ୍ଟିବାୟୋଟିକ୍ ଏବଂ ଟୀକା ତିଆରି କରିବା ବି ଜରୁରୀ ହେବ।

ଅନ୍ବେଷ:ସେ ସବୁ ତ ହେଉଛି। ମ୍ୟାଲେରିଆର ଟୀକା ପ୍ରାୟ ପ୍ରସ୍ତୁତ ହୋଇଗଲାଣି। ଏଡ୍‌ସ୍‌ର ଟୀକା ଉପରେ କାମ ଚାଲିଛି। ବହୁତ ଜଲ୍‌ଦି ସଫଳତା ମିଳିବ। ଡେଙ୍ଗୁ ଏବଂ ଚିକନଗୁନିଆ ଟୀକା ଉପରେ ଜୋରରେ ଗବେଷଣା ଚାଲିଛି, ଦିନେ ନା ଦିନେ ସଫଳତା ନିଶ୍ଚୟ ମିଳିବ।

ମେଘା: କିନ୍ତୁ ଯେଉଁଭଳି ଭାବରେ ସଂକ୍ରାମକ ରୋଗ ବଢ଼ିବାର ସମ୍ଭାବନା ରହିଛି, ସେତେ ପରିମାଣର ଔଷଧ ଏବଂ ଟୀକା ହଠାତ କୁଆଡୁ ଆସିପାରିବ?

ଅନ୍ବେଷ:ଆମ ପ୍ରସ୍ତୁତି ଅଧା ହିଁ ହେବ, ଏହାକୁ ଏକଦମ୍ ସଠିକ ତ କହିହେବ

ନାହିଁ। କିଏ ଜାଣେ ଭବିଷ୍ୟତରେ ଆମକୁ କିଭଳି ସମସ୍ୟାର ସାମନା କରିବାକୁ ହେବ। ସେସବୁ ଆସିଲେ ଦେଖାଯିବ।

ଦୃଶ୍ୟ ପରିବର୍ତ୍ତନ ବିବେକ ସ୍କୁଲରେ ନାଟକ ହେଉଛି

ନଟୀ: ମୁଁ ହେଉଛି ନଟୀ ଆଉ ଏ ନଟ (ଧୀର ସ୍ୱରରେ) ଆରେ କୁଆଡ଼େ ରହିଗଲା? (ଜୋର ପାଟିରେ) ନଟ ଆରେ ଏ ନଟ। ଆରେ ବଦମାସ୍, ବିଶୁଦ୍ଧ ବାୟୁ ଭଳି ତୁ କୁଆଡ଼େ ହଜିଗଲୁ?

ନଟ: (ଆସୁ ଆସୁ) ଆରେ ଏତେ କାହିଁ ରାଗୁଛୁ ମହାରାଣୀ, ଏଇ ଦେଖ ଆରମ୍ଭ ହେଲା ନାଟକ ଆଉ ଏ ଆସିଲା ଋତୁମାନଙ୍କ ରାଣୀ।

(ଋତୁମାନଙ୍କ ରାଣୀ ଆସୁଛନ୍ତି, ଏଥିପାଇଁ କୋଇଲି ଗାଉଛି, ବର୍ଷା ହେଉଛି, ଝିଣ୍ଟିକା ଡାକ ଆଦି ଶୁଣାଯାଉଛି)

ନଟ: ଆସ ଋତୁରାଣୀ, ବଡ଼ ବିବ୍ରତ ଦେଖା ଯାଉଛ, କିଛି ନୂଆ ସମସ୍ୟା ଆସିଛି କି? ମନ କଥା ଖୋଲି କହିଦିଅ, ସାରା କାହାଣୀ କହିଦିଅ।

ଋତୁରାଣୀ: ଖରାଦିନ କେତେ ଲମ୍ବା ହେଲାଣୀ ଶୀତ ଦିନ କାହିଁ

ବର୍ଷା ତ ମନଇଚ୍ଛା ଆସୁଛି କିଛି ନିମୟ ତା ପାଇଁ ନାହିଁ।

ନଟ: କାହିଁକି, ଋତୁରାଣୀ, ଲମ୍ବା ଖରାଦିନ କାହିଁକି?

ନଟୀ: ତୁ କ'ଣ ପାଠ ପଢୁନୁ କିରେ ମୂର୍ଖ? ସବୁଜକୋଠରୀ ପ୍ରଭାବ ବିଷୟରେ କିଛି ଜାଣିନାହୁଁ?

ଋତୁରାଣୀ: ହଁ। ଇନ୍ଧନ କେତେ ଜାଳି ଜାଳି କଳକାରଖାନା ବଢ଼ି ବଢ଼ି,

କେତେ କେତେ ଅଙ୍ଗାରକାମ୍ଳ କେତେ ଗନ୍ଧକ ଅମ୍ଳ,

କେତେ ପୁଣି ଅଙ୍ଗାର କଣିକା, ବାୟୁମଣ୍ଡଳରେ ଦେଲ ଭରି।

ପୃଥିବୀର ତାପମାତ୍ରା ବଢ଼ିବ

ବାୟୁମଣ୍ଡଳକୁ ତତାଇବ

ସେଥିପାଇଁ ଲମ୍ବା ଖରାଦିନ ହେବ

ଖରାରେ ପୃଥିବୀ ଜଳିବ।

ନଟ: ଲମ୍ବା ଖରାଦିନ? ... ପ୍ରବଳ ଗରମ?

ଋତୁରାଣୀ: ହଁ ୧୯୯୮ ଏବେଯାଏଁ ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା।

ଗରମରୁ ପ୍ରତିବର୍ଷ କେତେ ନା କେତେ ମରୁଛନ୍ତି

ଗରମ ବାୟୁରୁ, ତରଳ ଝାଡ଼ାରୁ

ସବୁଠୁ ଅଧିକ ପିଲା ବୁଢ଼ା ମରୁଛନ୍ତି।

ନଟୀ: ଏବେ କ'ଣ ହେବ?

ଋତୁରାଣୀ: କ'ଣ ଆଉ ହେବ, ପ୍ରଳୟ ଆସିବ।

ନଟ: ପ୍ରଳୟ?

ଋତୁରାଣୀ: ହଁ। ପର୍ବତ ଉପରେ ବରଫ ତରଳିଲା

ପାଣି ଆସି ସମୁଦ୍ର ପତନ ବଢ଼ାଇଲା।

ନଟ: ସମୁଦ୍ରର ପତନ ବଢୁଛି, କାହିଁକି?

(ସମୁଦ୍ର ଲହଡ଼ି ସ୍ୱର, ସମୁଦ୍ରର ପ୍ରବେଶ)

ସାଗର: ବରଫ ପାହାଡ଼ ତରଳି ତରଳି ମୋ ସ୍ତର ବଢ଼ାଇଲା

କାହିଁ ଯିବି ମୁଁ କାହିଁ ମୋ ସ୍ଥିତି?

କୂଳରେ ଥିବା ଘରଦୁଆର ସବୁ ଚାଟିଦେବ ପାଣି ମୋର

ସବୁ କିଛି ନଷ୍ଟ ହେବ ଗାଁଗଣ୍ଡାରେ ଚାଷ ଜମିରେ ପାଣି ମାଡ଼ିଯାଇ। ପିଇବା ପାଣି ଖାରିଆ ହୋଇଯିବ, ନିଜ ଭିଟାମାଟି ଛାଡ଼ି ଆଉ କୁଆଡ଼େ ଘର ଖୋଜିବାକୁ ହେବ। ଏଲ ନିନୋର ପ୍ରଭାବକୁ ଏବେ ସହିବାକୁ ହେବ।

ନଟ: ଜଳାଭୂମି?

ସାଗର: ଏଭଳି ଜଳାଭୂମିରେ କେବଳ ମାଛି, ମଶା, କୀଟପତଙ୍ଗ ବଢ଼ିବେ ଆଉ ନାନା ରୋଗ ଆଣିବେ। କ'ଣ ଋତୁରାଣୀ ଠିକ ନା?

ଋତୁରାଣୀ: ଗରମ ଯେତେ ଯେତେ ବଢ଼ିବ, ଶୀତ ଦିନ ସେତେ କମିବ। ବର୍ଷା ତ ମନଇଚ୍ଛା କାମ କରୁଛି, ଯେବେ ଇଚ୍ଛା ଯେଉଁଠି ଯେତେ ଇଚ୍ଛା ବର୍ଷିଯାଉଛି। ମରୁଡ଼ି କେଉଁଠି ତ ବନ୍ୟା କାହିଁ, ଯୁଆଡ଼େ ଚାହିଁବ ଖାଲି ପାଣି ହିଁ ପାଣି।

(ଜୋର ବାୟୁ ଚାଲିବାର ଶବ୍ଦ)

ନଟ: ଆରେ ବାୟୁ ଆପଣ?

ବାୟୁ: ହା ହା ମତେ ଜୀବନ କହୁଛ, ମୋ ଯୋଗୁ ଜୀବନ ଚଳଉଛ, କିନ୍ତୁ

ଏବେ ବିଷରେ ଭରିଛ। ଅଙ୍ଗାରକାମ୍ଳ ବଢ଼ୁଛି, ଗନ୍ଧକ ଅମ୍ଳ ବି ବଢ଼ୁଛି। ଅଙ୍ଗାର କଣିକାରେ ବୃଦ୍ଧି ହେଉଛି, ବିଶ୍ୱ ଉଷ୍ଣାୟନ ବଢ଼ୁଛି।

ନଟ: ତାହେଲେ...

ବାୟୁ: ପାଣିରେ ବଢ଼ିଆ ଆଦ୍ରତା ବଢ଼େ ମାଛି, ମଶା ଆଉ କୀଟପତଙ୍ଗ। ମ୍ୟାଲେରିଆ ଡେଙ୍ଗୁ ହଇଜା ଆସେ। କେମିତି ହେଲି ମୁଁ ଜାବନ ତମର। ଲାଜରେ ମୁଁ ସରିଯାଏ।

(ମଶାର ପ୍ରବେଶ)

ମଶା: ବଡ଼ ପୁଅ ମୋ ମ୍ୟାଲେରିଆ, ଏତେ ବଡ଼ ଯେ ସାରା ଦୁନିଆର ଅଧା ଅଞ୍ଚଳରେ ତା ପ୍ରକୋପ। ଡେଙ୍ଗୁ ପୁଣି ମୋର ଛୋଟ ପୁଅ, ଧୀରେ ଧୀରେ ମୋ ପ୍ରକୋପ ବଢ଼ୁଛି।

ନଟ: ତାହେଲେ ଆପଣ ହେଲେ ମଶା?

ମଶା: ଆସନରୁ ଉଠି ମଶା ଟେକିଲା ତା ମୁଣ୍ଡ

ଆସନରୁ ଉଠି କହେ ଦେଖ ମୋର ଶୁଣ୍ଢ।

ଏଥିରେ ଆଣିବି ବାତ ମ୍ୟାଲେରିଆ ଜର

ଛାଡ଼ିବି ମୁଁ ତମ ରକତେ ହେବ ହରବର।

ଧୂଆଁ ଦିଅନାହିଁ ଘରେ ନ ଟାଙ୍ଗ ମଶାରୀ

କାମୁଡ଼ି କାମୁଡ଼ି ତମକୁ ପକାଇବି ମାରି।

ପଚା ସଢ଼ା ଖାତ ଖମା କେତେ ଅଛି ତମର

ବଂଶ ବଢ଼ାଇବି ତହିଁ ମୁଁ ଖୁସିରେ ଏଥର।

(ଏହି ସମୟରେ ଦୁଇ ପୁଅ ଓ ଜଣେ ଝିଅ ପ୍ରବେଶ)

ସମବେତ ସ୍ୱର: ଦୁନିଆ ଜିତିବୁ ଆମେ, ଦୁନିଆରେ ନିଆଁ ଜାଳିବୁ ଆମେ, ତେବେ ଆମର ଶପଥ ହେବ ପୂରଣ, ବିଶ୍ୱ ଉଷ୍ମାୟନ ଆମ ସାହାରା, ତୁ ମଣିଷ କେତେ ବିଚରା। ଦୁନିଆ ଜିତିବୁ ଆମେ ଜଗତ ଜିତିବୁ।

ନଟ: ଆରେ..ରେ...ରେ...ରେ ଆପଣମାନେ କିଏ? ସମୁଦ୍ରରେ ପାଣି ବଢ଼ିଲା ଭଳି ଭଦ୍ର ସମାଜରେ ମାଡ଼ି ଆସୁଛନ୍ତି।

ମଶା: ଆରେ ଯାଃ, ଏସବୁ ମୋ ପିଲାମାନେ। ପିଲାଏ, କହିଲ ତମେମାନେ କିଏ ସବୁ?

ମ୍ୟାଲେରିଆ: (ଜୋରରେ ହସି) ହା ହା ହା ମୁଁ ମ୍ୟାଲେରିଆ। ହିନ୍ଦୁସ୍ଥାନ, ଇରାନ, ବାଂଲାଦେଶ ଆମେରିକା, ଇଂଲଣ୍ଡ ହେଉ ଅବା ଶ୍ରୀଲଙ୍କା ସବୁଠି ଉଡୁଛି ମୋ ବିଜୟ ପତାକା।

ନଟ: କାହିଁକି କାହିଁକି?

ମ୍ୟାଲେରିଆ: କାରଣ ଗରମ ବଢୁଛି ବାୟୁରେ ଆର୍ଦ୍ରତା

ଏବେ ବୁଝିଗଲ ହେଲା ତ ପତା।

ଶୁଣୁଛି ତମବୈଜ୍ଞାନିକ କହୁଛନ୍ତି ଯେ ଦୁନିଆର ଅଧା ଅଞ୍ଚଳରେ ମୁଁ ବ୍ୟାପିବା ଭଳି ପରିସ୍ଥିତି ହୋଇଗଲାଣି। ଆସନ୍ତା ୬୦ ବର୍ଷ ଭିତରେ ତ ମୁଁ ଦୁଇ ତୃତୀୟାଂଶ ଦୁନିଆରେ ରାଜ କରୁଥିବି।

ଡେଙ୍ଗୁ: ଆଉ ମୁଁ... ମୁଁ ହେଉଚି ଡେଙ୍ଗୁ। ୧୯୯୬ ମସିହାରେ ଆସି ପ୍ରଥମେ ଚମକାଇ ଦେଇଥିଲି। ତା ପରେ ତ ମୋର ସାମ୍ରାଜ୍ୟ। ପ୍ରଥମେ ଗରମ ଜଳବାୟୁରେ ରହୁଥିଲି, ଏତେ ବ ବିଶ୍ୱ ଉଷ୍ମାୟନ ଯୋଗୁ ସବୁ ଜାଗାରେ ମୋ ପ୍ରତିପତି।

ଚିକନଗୁନିଆ: (ଏଥିପାଇଁ ଝିଅ ସ୍ୱର) ମୁଁ ହେଉଚି ଚିକନଗୁନିଆ। ମୁଁ ଯାହାକୁ ହୁଏ, ତାର ଦେହ ଜରରେ ତାତେ, ମୁଣ୍ଡ ବୁଲେ, ଦେହହାତ ଘୋଳାବିନ୍ଧାରେ ସେ ଘବରାଏ। ବିଶ୍ୱ ଉଷ୍ମାୟନ ବଢ଼ିବାରୁ ମୋର ପ୍ରତାପ ବି ବଢୁଛି।

ସମବେତ ସ୍ୱର: ଆମ ଅଭିଯାନ ଥମିବ ନାହିଁ

ପଛକୁ ଆମେ ହଟିବୁ ନାହିଁ

ନଟ: ଭୟଙ୍କର... ବହୁତ ଭୟଙ୍କର...

ନଟୀ: (ଡରି ଡରି) ଆପଣ ପୁଣି କିଏ? (ଦୁଇଜଣ ପୁଅ, ଜଣେ ଝିଅ)

ସମବେତ ସ୍ୱର: ଆମେ ତ ହେଲୁ ନୂଆ ରୋଗ। ଆଗରୁ ଆମେ ନଥିଲୁ କାହିଁ। ଆମେ ହେଲୁ ଅଜଣା ରୋଗ, ବିଶ୍ୱ ଉଷ୍ମାୟନ ଯୋଗୁ ଆମେ ବଢ଼ିଲୁ। ମିଳିମିଶି ଆମେ, ନାଚିବୁ, ଗାଇବୁ ମଉଜ କରିବୁ।

(ଏକତାରା ବଜାଇ ସାଧୁଙ୍କ ପ୍ରବେଶ

ସାଧୁ: ଦୁନିଆରେ ଆସିଲି ଯେଉଁଦିନ କାଠର ଝୁଲାରେ ଶୋଇଥିଲି ମୁଁ

ଦୁନିଆରୁ ଯିବି ଯେଉଁଦିନ କାଠର ଶେଯରେ ଶୋଇବି ମୁଁ

କାଠର ତାମସା ଦେଖରେ ଭାଇ, କାଠର ଖେଳ ଦେଖ।

ନଟ: (ତଡ଼ିଲା ଭଳି) ଏ... ଏ... କାଠ। ମାନେ କାଠବାଲା ସାଧୁ ମହାରାଜ। ଏଠି ନାଟକ ଚାଲିଛି ଏଠି କିଛି ଭିକ ମିଳିବନାହିଁ।

ସାଧୁ: କିଏ ମାଗୁଛି ଭିକ୍ଷା

ମୁଁ ଆସିଛି ଦେବାକୁ ଶିକ୍ଷା।

ନଟ: କିନ୍ତୁ ଆପଣ କିଏ?

ସାଧୁ: ମୁଁ ହେଉଛି ଜଙ୍ଗଲ। ସବୁବେଳେ ମଣିଷକୁ ମୁଁ ଦେଇ ଆସିଛି। ବ୍ୟବହାର କରିବା ପାଇଁ କାଠ, ଖାଇବାକୁ ଖାଦ୍ୟ, ପଶୁ ପାଇଁ ଚାରା, ଆଉ ଏମାନଙ୍କ ବଞ୍ଚିବା ପାଇଁ ଅମ୍ଳଜାନ।

ନଟ: ଠିକ କହିଛନ୍ତି।

ସାଧୁ: ବାଷ୍ପର ଇନ୍ଧନ ଜାଳି ଜାଳି

ବାୟୁମଣ୍ଡଳରେ ଭରିଲ

ଅଙ୍ଗାରକାମ୍ଳ ଯାହା ଦେଲ

ତାକୁ ଆମେ ହିଁ ତ ଗ୍ରହଣ କଲୁ।

ବିଶ୍ୱ ଉଷ୍ମାୟନରୁ ତମକୁ ବଞ୍ଚାଉଥିଲୁ।

ନଟୀ: ଠିକ କହିଛନ୍ତି ଜଙ୍ଗଲ ମହାରାଜ।

ଜଙ୍ଗଲ: କିନ୍ତୁ ଏହାକୁ ତ ବିକାଶ ଖାଇଗଲା। ଏହାର ଲୋଭ ଏହାକୁ ଖାଇଗଲା। ମୁଁ ଏହାକୁ ସାହାରା ଦେଲି ଆଉ ଏ ମୋ ଉପରେ କୁରାଢି

ଚଳାଇଲା। ଟିକିଏ ବି ବୁଦ୍ଧି ନାହିଁ ଏହାର, ନିଜେ ଖୋଲୁଛି ନିଜ କବର।

ନଟ: କବର? ସତରେ କବର (ଲମ୍ବା ନିଶ୍ୱାସ ନେବା) ହେ ଭଗବାନ.. ହେ ମୂର୍ଖ ମାନବ।

ନଟୀ: ଏବେ ଆଉ କାହାର ଆସିବାର ଅଛି?

(ପୃଥିବୀର ପ୍ରବେଶ)

ନଟୀ: ପୃଥିବୀ?

ପୃଥିବୀ: ହଁ ପୃଥିବୀ। ଏବେ ଏ ଗରମ ସହି ହେଉନାହିଁ। ସନ୍ତୁଳନ ସବୁ ବିଗିଡ଼ିଗଲାଣି, ତାପମାତ୍ରା ମୋର ବଢ଼ି ତ ଗଲାଣି।

ନଟୀ: କେମିତି?

ପୃଥିବୀ: ସମୁଦ୍ର ଉପରକୁ ଉଠିଲାଣି, ପାଣି ଖାରିଆ ହେଲାଣି। ମୋ ମାଟି ଶୁଖି ଯାଉଛି, ଫସଲ ଅମଳ କମି ତ ଯାଉଛି। ସଭିଙ୍କ ପେଟ ଭରି ପାରିବିନି, ପୁଣି ମା ବୋଲି କେମିତି ନିଜକୁ କହିବି?

ନଟ: ଏବେ ମୁଁ ଯାଉଛି। ଆଉ ଶୁଣି ପାରିବିନି। ମୋ ମୁଣ୍ଡ କ'ଣ ହୋଇଯାଉଛି।

ନଟୀ: ଆରେ ରହ ରହ... ନାଟକ ତ ଏବେ ସରିଯିବ। ରହି ଯା, ମୁଁ ବି ଯିବି।

(ଧଇଁସଇଁ ହୋଇ ଜଣେ ପ୍ରବେଶ, ମଣିଷ)

ମଣିଷ: ନାଇଁ ନାଇଁ ନାଟକ ସରିନାହିଁ। ନହେଲେ ସବୁ କିଛି ସରିଯିବ।

ନଟୀ: ଏବେ ତମେ ପୁଣି କିଏ... ଏତେ ଧଇଁସଇଁ ହେଉଛ। ଚେହେରା ପୂରା ଶେତା ପଡ଼ିଯାଇଛି। ହାଡ଼କଙ୍କାଳ ଶରୀର। ତମର ତ ନିଶ୍ୱାସ ବି ଜୋରରେ ଚାଲୁଛି। ଆଖି ତଳେ କଳା ଦାଗ। ମନେହେଉଚି ଅନେକ ଦିନ ଧରି ବେମାର ପଡ଼ିଥିଲ।

ମଣିଷ: ମୁଁ ହେଉଛି ମଣିଷ, ନାଟକର ମୁଖ୍ୟ ପାତ୍ର। ନିଶ୍ୱାସ ମୋ ଚାଲୁନାହିଁ, ରକ୍ତଚାପ ବଢ଼ିଛି। ପାଣିପାଗ ମୋ ପଛରେ ଲାଗିଛି।

ନଟୀ: ଆଚ୍ଛା!!

ମଣିଷ: ରୋଗ ବଇରାଗ ଘର କରିଲାଣି, ଚିନ୍ତା ମତେ ମାଡ଼ି ବସିଲାଣି। ମନେହେଉଛି ପାଗଳ ହୋଇଯିବି, ଏତେ ରୋଗ ହୋଇଛି କେତେ ଦିନ ଜୀଇ ପାରିବି ମୁଁ?

(ଜଣେ ପରିବେଶ ବିଜ୍ଞାନୀଙ୍କର ପ୍ରବେଶ)

ପରିବେଶବିଜ୍ଞାନୀ: ଶୁଣ ଭାଇ ଶୁଣ, ମନ ଦେଇ ମୋ କଥା ଶୁଣ।

ମଣିଷ: ଆପଣ କିଏ?

ପରିବେଶବିଜ୍ଞାନୀ: ମୁଁ ହେଉଛି ପରିବେଶବିଜ୍ଞାନୀ। ତୁ ନିଜେ ତୋ ବିନାଶର ମୂଳରେ ପରିବେଶକୁ ନଷ୍ଟ କରି। କିନ୍ତୁ ଏତେ ନିରାଶ ହୁଅନାହିଁ। ପରିସ୍ଥିତି ବଦଳିବ, ଶୁଣ, ଟିକିଏ ପରିଶ୍ରମ କରିବାକୁ ହେବ, ଟିକିଏ ଚେଷ୍ଟା କରିବାକୁ ହେବ।

ମଣିଷ: କୁହନ୍ତୁ କ'ଣ କରିବାକୁ ହେବ, ଆଜି ଯଦି କିଛି କରିବିନି, ନିଶ୍ଚିତ କାଲିକୁ ମୁଁ ବଞ୍ଚିବିନି। କାଲିକୁ ମୁଁ ବଞ୍ଚିବିନି।

ପରିବେଶ ବିଜ୍ଞାନୀ: ପ୍ରଦୂଷଣ ବନ୍ଦ କର, ସବୁଜକୋଠରୀ ବାଷ୍ପ କମ୍ କର।

ମଣିଷ: କିନ୍ତୁ କେମିତି?

ବିଜ୍ଞାନୀ: କାଠ, କୋଇଲା ଭଳି ପାରମ୍ପରିକ ଇନ୍ଧନ ଜାଳିବା ବନ୍ଦ କର। ସୌରଶକ୍ତି, ପବନଶକ୍ତି ଯେତେ ପାରିବୁ ଅଧିକରୁ ଅଧିକ ବ୍ୟବହାର କର। ପେଟ୍ରୋଲ ବା ଡିଜେଲ ଚାଳିତ ଗାଡ଼ିମଟରର ଲୋଭ ଛାଡ଼ିଦେ। ଗୋଟିଏ ଆଡ଼କୁ ଯାଉଥିବା ଚାରିଛଅ ମିଶି ଗୋଟିଏ ଗାଡ଼ିରେ ଯିବା ଅଭ୍ୟାସ କର। ସର୍ବସାଧାରଣ ପରିବହନ ବ୍ୟବସ୍ଥା ବ୍ୟବହାର କର। ଏଥିରେ ଇନ୍ଧନର ବ୍ୟବହାର କମିବ, ପ୍ରଦୂଷଣ କମ୍ ହେବ, ସବୁଜକୋଠରୀ ବାଷ୍ପ ଉତ୍ସର୍ଜନ କମିବ, ବିଶ୍ୱ ଉଷ୍ମାୟନ ବି କମିବ।

ମଣିଷ :ଏତିକି କାମ ତ ବହୁତ ସହଜରେ ହୋଇପାରିବ।

ବିଜ୍ଞାନୀ: ସାଧାରଣ ବଲ୍ବ ଜାଗାରେ ଏଲଇଡି, ସିଏଫଏଲ ଭଳି କମ୍ ୱାଟର ବଲ୍ବ ଜଳାଅ। ପାଣି ବଞ୍ଚା, ଗଛ ଲଗା। ପାଣି ବିଶୁଦ୍ଧ ରଖ, ରୋଗ ଦୂର କର।

ମଣିଷ: ହୁଁ... ଏମିତି ହିଁ ଆମକୁ କରିବାକୁ ହେବ, ପଛକୁ ପସ୍ତେଇବାକୁ ନ ଥିବ, ନହେଲେ ସମସ୍ତେ ମରିବେ, କେହି ରହିବେନାହିଁ।

ନଟୀ: ଆରେ ନଟ, ନାଟକ ସରିଗଲା। ପରଦା ପକା। କୁଆଡ଼େ ଚାଲିଗଲୁ।